
ସତ୍ୟବାକ୍ୟ
Volume : 28 No : 1
THE WORD OF TRUTH
JANUARY & FEBRUARY - 2022
An Oriya Bimonthly Bulletin published by the
CHURCH OF CHRIST

# THE VOICE OF TRUTH

Edited and Published By

*Joshua & Kabita Gootam*

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-28. Jan & Feb. 2022. No.1**

*Published every two months in **Oriya** language for the Restoration of the pure New Testament Christianity*

## Who is greatest in the kingdom of heaven? (Math 18:1-4)

The Isralites were waiting for a Messaiah or a king for Jewish nation to establish a kingdom throwing away Roman rule.

- But Jesus said, "My kingdom is not of this world…" (John 18:36)

**MATHEW 18:1**:- "…Came the disciples unto Jesus saying , who is greatest in the kingdom of heaven?"It is human nature to think of himself / herself greater than others. (Roman 12:3, Gal 6:3) . In Politics , society ,church, home,offices , etc .

**MATHEW 18:2-4**:- "And Jesus called a little child unto him and set him in the midst of them and said verily I say unto You "Except ye be converted and become our little children,ye shall not enter into the kingdom of heaven.Whoever therefore shall humble himself as this child, the same is greatest in the kingdom of heaven."

# ସତ୍ୟବାଣୀ
# VOICE OF TRUTH

VOL - 28 KAKINADA JAN - FEB 2022


## ପରିବର୍ତ୍ତନ
## (Conversion)

ବୟଃପ୍ରାପ୍ତ ପ୍ରତ୍ୟେକେ ପ୍ରଭୁଙ୍କ ଆଡ଼େ ଫେରିବା ଆବଶ୍ୟକ, ନଚେତ୍ ବିନାଶ ସୁନିଶ୍ଚିତ । ପରିବର୍ତ୍ତିତ ଜୀବନ ବ୍ୟତୀତ ମନୁଷ୍ୟ ସ୍ୱର୍ଗରାଜ୍ୟରେ ପ୍ରବେଶିବା ଅସମ୍ଭବ। ମାଥିଉ ୧୮:୩ ପଦରେ ଯୀଶୁ କହନ୍ତି, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଫେରି ସାନ ପିଲାଙ୍କ ପରି ନ ହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ ।" ପରିବର୍ତ୍ତିତ ଜୀବନର ଆବଶ୍ୟକତା ଯଦିଓ ଅନେକ ଜ୍ଞାତ ଅଟନ୍ତି, ତାହା କଅଣ, ତାହା କିପରି ଘଟେ ଓ କେବେ ଘଟେ ଏସବୁ ବିଷୟରେ ଅଜ୍ଞ ଅଟନ୍ତି। ମନ ପରିବର୍ତ୍ତନ ବିଷୟରେ ସୂକ୍ଷ୍ମଭାବେ ବୁଝିବାକୁ ଆମ୍ଭମାନଙ୍କୁ ବାଇବଲ ହିଁ ସାହାଯ୍ୟ କରିପାରେ ।

### ୧) ମନ ପରିବର୍ତ୍ତନର ଅର୍ଥ କ'ଣ ?

ସାଧାରଣତଃ 'ମନ ପରିବର୍ତ୍ତନ'ର ଅର୍ଥ ପରିବର୍ତ୍ତିତ ହେବା କିମ୍ବା ବଦଳିବା। ଏକ ସ୍ଥିତିରୁ ସ୍ଥାନାନ୍ତର ହେବାର ପ୍ରକ୍ରିୟାକୁ ପରିବର୍ତ୍ତନ କୁହାଯାଏ । ଉଦାହରଣ ସ୍ୱରୂପ, କାଠ କାଗଜରେ, ପଥର ଲୁହାରେ, ଲୁହା ଇସ୍ପାତରେ, ପଶୁଚର୍ମ ବିଭିନ୍ନ ଆବଶ୍ୟକୀୟ ବସ୍ତୁରେ ପରିବର୍ତ୍ତିତ କରାଯାଏ ।

ଈଶ୍ୱରଙ୍କ ବାକ୍ୟରେ ମଧ୍ୟ 'ପରିବର୍ତ୍ତନର ଅର୍ଥ ଏକ ସ୍ଥିତିରୁ ଅନ୍ୟ ଏକ ସ୍ଥିତିକୁ ବଦଳିବା । ଆତ୍ମିକ ଭାବେ ସାଂସାରିକ ଜୀବନ ତ୍ୟାଗ କରି ଆତ୍ମିକ ଜୀବନଯାପନ କରିବା । ଏହି ପ୍ରକ୍ରିୟା ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟିୟାନ ହେବାର ସୁଯୋଗ

ପାଏ । ଥେସଲୋନୀକୀୟମାନଙ୍କ ପରିବର୍ତ୍ତିତ ସ୍ଥିତି ବିଷୟରେ ପାଉଲ କହନ୍ତି, "... ତୁମ୍ଭେମାନେ ପ୍ରତିମାସବୁ ପରିତ୍ୟାଗ କରି ଜୀବିତ ଓ ସତ୍ୟ ଈଶ୍ୱରଙ୍କ ସେବା କରିବା ନିମନ୍ତେ... ଈଶ୍ୱରଙ୍କ ପ୍ରତି ଫେରିଲ ।" (୧ମ ଥେସଲନୀକୀ ୧:୯, ପ୍ରେରିତ ୨୪:୧୫, ୯:୩୫) "ବିଜାତୀୟମାନଙ୍କ ମନ ପରିବର୍ତ୍ତନ ବିଷୟ ପାଉଲ ଭାଇମାନଙ୍କୁ ବର୍ଣ୍ଣନା କରି ମହାନନ୍ଦ ଜନ୍ମାଇ ଥିଲେ ବୋଲି ଆମ୍ଭେମାନେ ପ୍ରେରିତ ୧୫:୩ ପଦରେ ପଢ଼ିଥାଉଁ । ପରିବର୍ତ୍ତନର ଅର୍ଥ ପାପୀ ମନୁଷ୍ୟ ଆପଣା ପାପ ଜୀବନର ପରମେଶ୍ୱରଙ୍କ ପ୍ରତି ଫେରିବା ।

## (କ) ପରିବର୍ତ୍ତନରେ ମନୁଷ୍ୟର ପାତ୍ର :

ପରିବର୍ତ୍ତନର ପ୍ରକ୍ରିୟାରେ ମନୁଷ୍ୟ ଆପଣାକୁ ଆପେ ବଦଳାଇବା ବିଷୟ ଈଶ୍ୱରଙ୍କ ବାକ୍ୟ ଦୃଢ଼ ଭାବେ ପ୍ରକାଶ କରେ । ଯେଉଁ ଗ୍ରୀକ୍ ପଦରୁ 'ପରିବର୍ତ୍ତନ' ପଦ ଅନୁବାଦିତ ହୋଇଅଛି ତାହାର ପ୍ରକୃତ ଅର୍ଥରେ ମନୁଷ୍ୟର ସ୍ୱଇଚ୍ଛା ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ପରିବର୍ତ୍ତନ ପ୍ରକ୍ରିୟାରେ ମନୁଷ୍ୟର ପାତ୍ର ଗୁରୁତ୍ୱପୂର୍ଣ୍ଣ ।

## (ଖ) ପରିବର୍ତ୍ତନର ଅର୍ଥ ପାପକ୍ଷମା ନୁହେଁ :

ଯଦିଓ ପରିବର୍ତ୍ତନ ବିନୁ ପାପକ୍ଷମା ମିଳେ ନାହିଁ ତଥାପି ପରିବର୍ତ୍ତନ ଓ ପାପକ୍ଷମା ଏକ ନୁହେଁ । କାରଣ ପାପକ୍ଷମା ଈଶ୍ୱରଙ୍କ ଠାରୁ ଆସେ । ମନୁଷ୍ୟ ଆପଣା ପାପରୁ ପରିବର୍ତ୍ତିତ ହୋଇ ଈଶ୍ୱରଙ୍କ ପ୍ରତି ଫେରିଲେ, ପାପକ୍ଷମା ପ୍ରାପ୍ତ ହୁଏ । ଏହି ବିଷୟରେ ପ୍ରଭୁ ଯୀଶୁ କହନ୍ତି :

"କାରଣ ଏହି ଲୋକଙ୍କ ହୃଦୟ ଜଡ଼ ହେଲା, ସେମାନେ କାନରେ କଷ୍ଟରେ ଶୁଣିଲେ ଓ ଆପଣା ଆପଣା ଆଖି ବୁଜିଲେ, ଯେପରି ସେମାନେ ଆଖିରେ ଦେଖିବେ ନାହିଁ, କାନରେ ଶୁଣିବେ ନାହିଁ, ଆଉ ହୃଦୟରେ ବୁଝିବେ ନାହିଁ, ପୁଣି ଫେରିଆସିବେ ନାହିଁ, ଆଉ ଆମ୍ଭେ ସେମାନଙ୍କୁ ସୁସ୍ଥ କରିବୁ ନାହିଁ ।" (ମାଥିଉ ୧୩:୧୫, ମାର୍କ ୪:୧୨)

"ଅତଏବ ଯେପରି ଆପଣଙ୍କର ପାପମୋଚନ ହୋଇପାରେ, ଏଥି ନିମନ୍ତେ ମନ ପରିବର୍ତ୍ତନ କରି ଫେରି ଆସନ୍ତୁ, ତାହାହେଲେ ପ୍ରଭୁଙ୍କ ଛାମୁରୁ ସାନ୍ତ୍ୱନାର ସମୟ

ଉପସ୍ଥିତ ହେଉ, ପୁଣି ଆପଣମାନଙ୍କ ନିମନ୍ତେ ପୂର୍ବ ନିରୂପିତ ଖ୍ରୀଷ୍ଟଙ୍କୁ, ଅର୍ଥାତ୍ ଯୀଶୁଙ୍କୁ ସେ ପ୍ରେରଣ କରିବେ । (ପ୍ରେରିତ ୩:୧୯,୨୦)

''ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣା ସଂକଳ୍ପ ପରିତ୍ୟାଗ କରୁ; ପୁଣି ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ, ଆଉ ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ, ଆଉ ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, କାରଣ ସେ ବହୁଳ ରୂପରେ କ୍ଷମା କରିବେ ।'' (ଯିଶାଇୟ ୫୫:୭)

ଅତଏବ ମନୁଷ୍ୟ ମନ ପରିବର୍ତ୍ତନ କରି ଈଶ୍ୱରଙ୍କ ପ୍ରତି ଫେରିଲେ ପାପକ୍ଷମା ପ୍ରାପ୍ତ ହୁଏ । ପାପକ୍ଷମା ଈଶ୍ୱରଙ୍କ ଠାରୁ ହୁଏ କିନ୍ତୁ ମନୁଷ୍ୟର ହୃଦୟରୁ ଜାତ ନୁହେଁ । ମନୁଷ୍ୟ ପରିବର୍ତ୍ତିତ ହୋଇ [illegible] ଦ୍ୱାରା ଈଶ୍ୱର ତାହାର ପାପ କ୍ଷମା କରନ୍ତି । (ମାର୍କ ୨:୭, ଏବ୍ରୀ ୮:୧୨) ଅତଏବ, ପାପରୁ ମନୁଷ୍ୟ ଆପଣାକୁ ପରିବର୍ତ୍ତନ କରେ ଏବଂ ପାପକ୍ଷମା ଈଶ୍ୱରଙ୍କ ଠାରୁ ହୁଏ । ପାପରୁ ପରିବର୍ତ୍ତନ ଓ ପାପକ୍ଷମା ବିନୁ ପାପୀ ମନୁଷ୍ୟ ଧାର୍ମିକ ଗଣିତ ହୋଇପାରେ ନାହିଁ ।

## (ଗ) ସାରାଂଶ :

ଉପରୋକ୍ତ ବିଶ୍ଳେଷଣରୁ ପରିବର୍ତ୍ତନରେ ଦୁଇଟି ଭାଗ ରହିଅଛି ବୋଲି ଜାଣିପାରୁ । (୧) ମନୁଷ୍ୟ ଅଧର୍ମତାରୁ ଧାର୍ମିକତାକୁ ସାଂସାରିକ ଅଭିଳାଷରୁ ଈଶ୍ୱରଙ୍କ ପ୍ରେମ ପ୍ରତି ଫେରିବା ଏବଂ (୨) ପରିବର୍ତ୍ତିତ ବ୍ୟକ୍ତିଙ୍କୁ ଈଶ୍ୱର ପାପକ୍ଷମା ପ୍ରଦାନ କରନ୍ତି । ପରିବର୍ତ୍ତନ ର ଏହି ପ୍ରକ୍ରିୟା ଦ୍ୱାରା ଅନ୍ଧକାରର କ୍ଷମତାର ଥିବା ବ୍ୟକ୍ତି, ଈଶ୍ୱରଙ୍କ ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟକୁ ସ୍ଥାନାନ୍ତର କରାଯାନ୍ତି । (କଲସୀ ୧:୧୨,୧୩) ଅତଏବ ପରିବର୍ତ୍ତନ ସୁସମାଚାର ଏକ ମାର୍ଗ, ଯାହାଦ୍ୱାରା ପାପୀ ମନୁଷ୍ୟ ଖ୍ରୀଷ୍ଟିଆନ ହେବାର ସୁଯୋଗ ପାଏ । ଯେଉଁମାନେ ପରିବର୍ତ୍ତିତ ହୋଇଅଛନ୍ତି ସେମାନେ ତାହାଙ୍କ ନିକଟକୁ ଫେରି ଅଛନ୍ତି ।

## (୨) ପାପୀ, ଈଶ୍ୱରଙ୍କ ପ୍ରତି କିପରି ଫେରେ ?

ସୁସମାଚାର ଶ୍ରବଣ କରି, ବିଶ୍ୱାସ କରି ତାହାର ଆଜ୍ଞାବହ ହେବା ଦ୍ୱାରା ପାପୀ ମନୁଷ୍ୟର ମନ ପରିବର୍ତ୍ତନ ଈଶ୍ୱରଙ୍କ ଅଦ୍ଭୁତ ଶକ୍ତି ଦ୍ୱାରା ନ ହୋଇ ବରଂ ତାହାଙ୍କ ନିଶ୍ୱସିତ ବାକ୍ୟ ଦ୍ୱାରା ହୋଇଥାଏ । ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ପାପୀ ମନୁଷ୍ୟର ହୃଦୟ ଈଶ୍ୱରଙ୍କ ପ୍ରତି ଫେରିବାରେ ସାହାଯ୍ୟ କରେ । ପାପୀ ମନୁଷ୍ୟର ପରିବର୍ତ୍ତିତ ଜୀବନ ନିମନ୍ତେ ମନୁଷ୍ୟର ତଥା ଈଶ୍ୱର ଉଭୟଙ୍କର ମୁଖ୍ୟ ଭୂମିକା ରହିଅଛି ।

ପ୍ରତ୍ୟେକ ମନୁଷ୍ୟ ଆପଣା ଆପଣା କାର୍ଯ୍ୟ ନିମନ୍ତେ ନିଜେ ଦାୟୀ ବୋଲି ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦିଏ । (ମାଥିଉ ୧୩:୩୭,୩୮) ଧାର୍ମିକତାର ଜୀବନ କିଅବା ଅଧାର୍ମିକତା ଜୀବନଯାପନ କରିବାର ନିର୍ଣ୍ଣୟ ମନୁଷ୍ୟର ସ୍ୱଇଚ୍ଛାଧିନ ଥିବାରୁ, ଯିହୋଶୂୟ ଇସ୍ରାଏଲ ଲୋକଙ୍କୁ କହିଥିଲେ, ''...ତେବେ ତୁମ୍ଭେମାନେ କାହାର ସେବା କରିବ, ତାହା ଆଜି ମନୋନୀତ କର,...ମାତ୍ର ମୁଁ ଓ ମୋହର ପରିଜନ, ଆମ୍ଭେମାନେ ସଦାପ୍ରଭୁଙ୍କୁ ସେବା କରିବା ।'' (ଯିହୋଶୂୟ ୨୪:୧୫) ଯୀଶୁଖ୍ରୀଷ୍ଟ ଯିହୂଦୀମାନଙ୍କୁ କହିଲେ, ''କିନ୍ତୁ ତୁମ୍ଭେମାନେ ଜୀବନ ପ୍ରାପ୍ତ ହେବା ନିମନ୍ତେ ମୋ ନିକଟକୁ ଆସିବାକୁ ଇଚ୍ଛା କରୁନାହଁ । (ଯୋହନ ୫:୪୦) ତାହାଙ୍କ ନିକଟକୁ ଫେରିବା ନିମନ୍ତେ ଈଶ୍ୱର କାହାକୁ ବାଧ କରନ୍ତି ନାହିଁ । ତାହାଙ୍କ ନିକଟବର୍ତ୍ତୀ ହେବା କିମ୍ବା ଦୂରେଇ ରହିବା ମନୁଷ୍ୟର ସ୍ୱେଚ୍ଛାଧିନ ।

### (କ) ପରିବର୍ତ୍ତନ ରହସ୍ୟମୟ ନୁହେଁ :

ପରିବର୍ତ୍ତନ ଏକ ଗୁପ୍ତ ବା ରହସ୍ୟମୟ କ୍ରିୟା ନୁହେଁ । ଏହା କେବଳ ମନୁଷ୍ୟ ଅନ୍ତରରେ ହିଁ ଅନୁଭବ କରିବା ଆବଶ୍ୟକ । ପରମେଶ୍ୱର ମନୁଷ୍ୟକୁ ପ୍ରଦାନ କରିଥିବା ଆପଣା ପୁସ୍ତକ 'ବାଇବଲ'ରେ ବ୍ୟକ୍ତ କରିଅଛନ୍ତି ।

ମନୁଷ୍ୟର ହୃଦୟରେ ପବିତ୍ର ଆତ୍ମା ଅବସ୍ଥାନ କରି ମନୁଷ୍ୟ ହୃଦୟ ପରିବର୍ତ୍ତିତ କରେ ବୋଲି ବାକ୍ୟରେ କୁହାଯାଏ ନାହିଁ । ପରିବର୍ତ୍ତନର ପ୍ରକ୍ରିୟାରେ ମନୁଷ୍ୟର

ସହଯୋଗ ଅତ୍ୟାବଶ୍ୟକ । ପରିବର୍ତ୍ତନର ଅର୍ଥ 'ମତ' ବା 'ଧର୍ମ' ପରିବର୍ତ୍ତନ ନୁହେଁ, ବରଂ ତାହା ଈଶ୍ୱରଙ୍କ ବାକ୍ୟର ବିପରୀତ ଭାବ ବ୍ୟକ୍ତ କରେ । ମନୁଷ୍ୟମାନଙ୍କ ମନ ପରିବର୍ତ୍ତନ ନିମନ୍ତେ ଯେଉଁମାନେସ୍ୱର୍ଗୀୟ ଶକ୍ତି ନିମନ୍ତେ ପ୍ରାର୍ଥନା କରନ୍ତି, ସେମାନେ ଈଶ୍ୱରଙ୍କୁ ପକ୍ଷପାତ ହେବା ନିମନ୍ତେ ସ୍ୱର୍ଗୀୟ ଶକ୍ତି ନିମନ୍ତେ ପ୍ରାର୍ଥନା କରନ୍ତି । ସେମାନେ ଈଶ୍ୱରଙ୍କୁ ପକ୍ଷପାତ ହେବା ନିମନ୍ତେ ଭିକ୍ଷା କରିଥାନ୍ତି । ସ୍ୱର୍ଗୀୟ ଶକ୍ତି ଯଦି ମନୁଷ୍ୟମାନଙ୍କୁ ପରିବର୍ତ୍ତନ କରୁଥାଏ, ତାହା ହେଲେ କାହିଁକି ପ୍ରତ୍ୟେକ ମନୁଷ୍ୟ ପରିବର୍ତ୍ତିତ ହେଉ ନାହାନ୍ତି ।

ମନୁଷ୍ୟମାନଙ୍କ ପରିବର୍ତ୍ତନ ପ୍ରତ୍ୟକ୍ଷ ଦୈବିକ ଶକ୍ତି ଦ୍ୱାରା ପ୍ରାପ୍ତ ହୁଏ ନାହିଁ ବୋଲି ନିମ୍ନଲିଖିତ କାରଣଗୁଡ଼ିକ ପ୍ରମାଣ କରେ :-

୧) ଏହା ମନୁଷ୍ୟର ନୈତିକ ସ୍ୱାଧୀନତା ଭଙ୍ଗ କରେ । ମନୁଷ୍ୟର ବୋଝ ହାଲ୍‌କା କରେ । ମନ ପରିବର୍ତ୍ତନର ପ୍ରକ୍ରିୟାରେ ମନୁଷ୍ୟର ପାତ୍ର ନିଷ୍କ୍ରିୟ କରେ । (ଯୋହନ ୬:୨୯, ୮:୨୪, ମାଥିଉ ୬:୨୧-୨୭, ମାର୍କ ୧୬:୧୬ ପଦଗୁଡ଼ିକରେ ଖ୍ରୀଷ୍ଟ ପରିବର୍ତ୍ତନରେ ମନୁଷ୍ୟର ମୁଖ୍ୟ ଭୂମିକା ଥିବା ବିଷୟ ବ୍ୟକ୍ତ କରିଅଛନ୍ତି)

୨) ଆପଣାର ପାପକ୍ଷମା ନିମନ୍ତେ ମନୁଷ୍ୟର ଭୂମିକା ଶୂନ୍ୟ ବୋଲି ଏହି ମତ ଭାବ ପ୍ରକାଶ କରେ । ଯାହାକି ଏବ୍ରୀ ୫:୯, ପ୍ରକାଶିତ ୨୨:୧୪; ପ୍ରେରିତ ୨:୩୭-୩୮, ୧୬:୩୦-୩୧, ରୋମୀୟ ୨:୭-୮, ୬:୧୭-୧୮, ୨ୟ ଥେସଲନୀକୀ ୧:୭-୯, ୧ମ ପିତର ୧:୧୧ ପଦଗୁଡ଼ିକରେ ବିପରୀତ ଅଟେ ।

୩) ଏହି ମତ ଈଶ୍ୱରଙ୍କୁ ପକ୍ଷପାତୀ ସାବ୍ୟସ୍ତ କରେ । (''.....ଈଶ୍ୱର ଯେ ମୁଖାପେକ୍ଷା କରନ୍ତି ନାହିଁ, କିନ୍ତୁ ପ୍ରତ୍ୟେକ ଜାତିରେ ଯେ କେହି ତାହାଙ୍କୁ ଭୟ କରି ଧର୍ମାଚରଣ କରେ, ସେ ଯେ ତାହାଙ୍କ ନିକଟରେ ଗ୍ରାହ୍ୟ ହୁଏ, ଏହା ମୁଁ ସତ୍ୟ ବୁଝୁଅଛି । (ପ୍ରେରିତ ୧୦:୩୪,୩. ରୋମୀୟ ୨:୧୧)

ଈଶ୍ୱର ଯଦି ଜଣେ ମନୁଷ୍ୟକୁ ପ୍ରତ୍ୟକ୍ଷ ଶକ୍ତି ଦ୍ୱାରା ଉଦ୍ଧାର କରି ଅନ୍ୟ ଜଣକୁ ଉଦ୍ଧାର କରନ୍ତି ନାହିଁ, ସେ ପକ୍ଷପାତୀ ରୂପେ ପ୍ରମାଣିତ ହେବେ । ଏହି ମତାନୁଯାୟୀ

ମନୁଷ୍ୟର ବିନାଶରେ ଈଶ୍ୱର ଦାୟୀ ହୁଅନ୍ତି । ଅତଏବ ଏହି ସବୁ କାରଣ ବାକ୍ୟ ବିରୁଦ୍ଧ ଥିବାରୁ । ଏହି ମତ ସତ୍ୟ ହୋଇପାରେନା । ମନୁଷ୍ୟ ଆପଣା କର୍ମ ନିମନ୍ତେ ନିଜେ ଦାୟୀ ଅଟେ ଓ ସେ ନିଜେ ତାହାଙ୍କ ନିକଟକୁ ଫେରିବା ଈଶ୍ୱରଙ୍କ ଯୋଜନା ଅଟେ ।

## (ଖ) ପରିତ୍ରାଣ ନିମନ୍ତେ, ସୁସମାଚାର ଈଶ୍ୱରଙ୍କ ଶକ୍ତି ଅଟେ :

ମନୁଷ୍ୟର ପରିବର୍ତ୍ତନ ନିମନ୍ତେ ଈଶ୍ୱର କି ଆପଣା ଶକ୍ତି ପ୍ରୟୋଗ କରନ୍ତି ନାହିଁ ବୋଲି ଅନେକ ପ୍ରଶ୍ନ କରିଥାଆନ୍ତି । ସୁସମାଚାର ଦ୍ୱାରା ଈଶ୍ୱର ଆପଣା ଶକ୍ତି ପ୍ରୟୋଗ କରିଥାନ୍ତି ଯେହେତୁ ବାକ୍ୟ କହେ, ''କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ । ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । ପ୍ରଥମତଃ ଯିହୂଦୀ ପକ୍ଷରେ, ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ ।''

## (ଖ) ମନ ପରିବର୍ତ୍ତନ ଦ୍ୱାରା ଜୀବନରେ ପରିବର୍ତ୍ତନ :

ସୁସମାଚାର ପ୍ରଚାର ଦ୍ୱାରା ପୁନରୁତ୍ଥିତ ଖ୍ରୀଷ୍ଟଙ୍କ ଠାରେ ଦୃଢ଼ ବିଶ୍ୱାସ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ପରିବର୍ତ୍ତିତ ହୁଏ । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ତାହାର ଜୀବନରେ ପରିବର୍ତ୍ତନ ଆଣେ ଏବଂ ଈଶ୍ୱରଙ୍କ ଦୃଷ୍ଟିରେ ନ୍ୟାୟ ଓ ଧର୍ମାଚରଣ କରିବାକୁ (ଯିହିଜିକଲ ୧୮:୫, ୩୩:୧୪,୧୯) ସଂକଳ୍ପିତ ହୁଏ ।

ମନ ପରିବର୍ତ୍ତନ ଦ୍ୱାରା ମନୁଷ୍ୟର ଜୀବନଯାପନରେ ଆମ୍ଭର ବ୍ୟବହାରରେ ପରିବର୍ତ୍ତନ ଆସେ ମନ ପରିବର୍ତ୍ତନର ଅର୍ଥ ଆପଣା କର୍ମରୁ ଅନୁତପ୍ତ ହୋଇ ଆପଣା ଜୀବନ ମାର୍ଗ ବଦଳାଇବା (ମାଥିଉ ୧୨:୪୧, ୩:୮, ୨ୟ କରିନ୍ଥୀ ୭:୯-୧୦; ଲୂକ ୧୩:୩-୫; ପ୍ରେରିତ ୧୭:୩୦) । ପାପୀ ଆପଣା ପଥରୁ ଫେରି ପ୍ରଭୁଙ୍କ ପଥରେ ଗମନ କରିବା ନିମନ୍ତେ ଦୃଢ଼ ସଂକଳ୍ପ ନିଏ । ମନ ପରିବର୍ତ୍ତନ ଦ୍ୱାରା ମନୁଷ୍ୟର କୃତ ଅଧର୍ମ ସବୁ ପରିବର୍ତ୍ତିତ ହୁଏ ନାହିଁ, ବରଂ ପାପୀ ଆପଣା ଅଧାର୍ମିକତାର ପଥ ପରିତ୍ୟାଗ କରି, ଧାର୍ମିକତାର ପଥ ଆପଣାଇ ନିଏ ।

## (ଗ) ବାପ୍ତିସ୍ମ ଦ୍ୱାରା ସମ୍ବନ୍ଧାତ୍ମକ ପରିବର୍ତ୍ତନ :

ମନ ପରିବର୍ତ୍ତନ ଦ୍ୱାରା ମନୁଷ୍ୟର ସମ୍ବନ୍ଧତ୍ୱକ ସ୍ଥିତିରେ ପରିବର୍ତ୍ତନ ଆସେ । ଏହା ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରି ବାପ୍ତିସ୍ମ ନେବାରେ ସମ୍ଭବପର ହୋଇଥାଏ । (ମାଥିଉ ୨୮:୧୯, ୨୦, ରୋମୀୟ ୧୦:୧୦)

ପାଉଲ କହନ୍ତି, ''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁଁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ, ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍‌ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।'' (ରୋମୀୟ ୬:୩-୪, କଲସୀ ୨:୧୨-୧୩) । ତେଣ ତୁମ୍ଭେମାନେ ଯେତେ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ । (ଗାଲାତୀ ୩:୨୭)

ବାପ୍ତିସ୍ମ ପରିବର୍ତ୍ତନ ଆଣେ ନାହିଁ ବରଂ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଓ ମନ ପରିବର୍ତ୍ତନ କରିଥିବା ବ୍ୟକ୍ତିମାନଙ୍କ ଜୀବନରେ ସ୍ଥିତିରେ ପରିବର୍ତ୍ତନ ଆଣେ । ବାପ୍ତିସ୍ମରେ ମନୁଷ୍ୟ ଓ ଈଶ୍ୱରଙ୍କ ଭୂମିକା ରହିଅଛି । ବିଶ୍ୱାସ ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ 'ନୂତନ ସୃଷ୍ଟି' ଖ୍ରୀଷ୍ଟଙ୍କ ଶରୀରରେ ସଂଯୁକ୍ତ ହୁଏ । ଖ୍ରୀଷ୍ଟିୟାନ ନାମ ଧାରଣ କରେ (୨ୟ କରିନ୍ଥୀ ୫:୧୭, କଲସୀ ୧:୧୨, ୧୩, ୧. ଏଫିସୀ ୧:୨୨, ୨୩) ମନୁଷ୍ୟ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱାସ କରି ମନ ପରିବର୍ତ୍ତିତ କରି ବାପ୍ତିଜିତ ହେବା ଦ୍ୱାରା ତାହାର ସମ୍ବନ୍ଧାତ୍ମକ ପରିବର୍ତ୍ତନ ଆସେ ।

## (ଘ) ପରିବର୍ତ୍ତନ ଏକ ବିବାହ ସ୍ୱରୂପ :

ପରିବର୍ତ୍ତିତ ପ୍ରତ୍ୟେକ ବ୍ୟକ୍ତି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ଅଟନ୍ତି । ମଣ୍ଡଳୀ, ଖ୍ରୀଷ୍ଟଙ୍କ କନ୍ୟା ବୋଲି ଆମ୍ଭେମାନେ ଏଫିସୀ ୫:୨୨, ୨. ରୋମୀୟ ୭:୪, ୨ୟ କରିନ୍ଥୀ ୧୧:୨ ପଦଗୁଡ଼ିକରେ ପଢ଼ିପାରୁ । ପରିବର୍ତ୍ତିତ ପ୍ରତ୍ୟେକ ବ୍ୟକ୍ତି ଖ୍ରୀଷ୍ଟଙ୍କ କନ୍ୟା ଅର୍ଥାତ୍ ମଣ୍ଡଳୀର ଅଙ୍ଗ ରୂପେ କୁହାଯାଇଥିବାରୁ, ବିବାହ ଓ ପରିବର୍ତ୍ତନରେ

ସାମଞ୍ଜସ୍ୟ ପାଇଥାଉଁ । ବିବାହ ଦ୍ୱାରା ସ୍ତ୍ରୀର ଜୀବନରେ (୧) ହୃଦୟର ପରିବର୍ତ୍ତନ (୨) ଜୀବନଯାପନରେ ପରିବର୍ତ୍ତନ ଓ (୩) ସମ୍ବନ୍ଧତ୍ୱକ ପରିବର୍ତ୍ତନ ଆସିଥାଏ ।

ଜଣେ ସ୍ତ୍ରୀ ପ୍ରଥମ ସାକ୍ଷାତରେ ପୁରୁଷ ଉପରେ ସେ ଭରସା କରିନପାରେ । ଧିରେ ଧିରେ ତାହାର ସୀମିତ ଭରସା, ସମ୍ପୂର୍ଣ୍ଣ ବୃଦ୍ଧି ନ ପାଇବା ପର୍ଯ୍ୟନ୍ତ ସେ ସ୍ତ୍ରୀ, ପୁରୁଷକୁ ବିବାହ କରେ ନାହିଁ । ସ୍ତ୍ରୀ ହୃଦୟରେ ପରିବର୍ତ୍ତିତ ହୋଇ ସେହି ପୁରୁଷକୁ ବିବାହ କରିବାରେ ସମ୍ମତ ହୁଏ ।

ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ମାତ୍ରେ ଜଣେ ଖ୍ରୀଷ୍ଟଙ୍କ ଠାରେ ପରିବର୍ତ୍ତିତ ହୋଇଥାନ୍ତି ବୋଲି ଅନେକ ତର୍କ କରିଥାନ୍ତି । ହୃଦୟର ପରିବର୍ତ୍ତନର ଅର୍ଥ ସମ୍ପୂର୍ଣ୍ଣଭାବେ ଖ୍ରୀଷ୍ଟଙ୍କ ପ୍ରତି ଫେରିବା ନୁହେଁ । ହୃଦୟ ପରିବର୍ତ୍ତନ ପରେ ଆପଣା ପାପମୟ ଜୀବନ ପରିତ୍ୟାଗ କରି ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ଦ୍ୱାରା ମନୁଷ୍ୟ ଜୀବନ ପରିବର୍ତ୍ତିତ ହୁଏ । ବାଗଦତ୍ତା କରାଯାଇଥିବା ଭାବି ସ୍ୱାମୀ ଯଦି ବିବାହ ପୂର୍ବରୁ ମୃତ୍ୟୁବରଣ କରନ୍ତି, ସେବେ ସେ ସ୍ତ୍ରୀ କି ତାହାଙ୍କ ସମ୍ପତ୍ତିର ଅଧିକାରୀ ହୋଇପାରିବ ? ସେମାନଙ୍କ ବିବାହ ସମ୍ପୂର୍ଣ୍ଣ ହୋଇନଥିବାରୁ ସେ ସ୍ତ୍ରୀ ଯେପରି ପୁରୁଷର ସମ୍ପତ୍ତିର ଉତ୍ତରାଧିକାରିଣୀ ହୋଇପାରେ ନାହିଁ, ସେହିପରି ପରିବର୍ତ୍ତିତ ବ୍ୟକ୍ତିମାନ ବାପ୍ତିସ୍ମ ଦ୍ୱାରା ଜଣେ ମନୁଷ୍ୟ ଖ୍ରୀଷ୍ଟଙ୍କ ସହ ସମ୍ପୃକ୍ତ ହୁଏ ।

## (୪) ବାକ୍ୟାନୁଯାୟୀ ଜଣେ କେବେ ପରିବର୍ତ୍ତିତ ହୁଏ ?

ବାକ୍ୟାନୁଯାୟୀ ଜଣେ ହୃଦୟରେ, ଜୀବନରେ ଓ ସମ୍ବନ୍ଧତ୍ୱକ ପରିବର୍ତ୍ତିତ ହେବା ପରେ ହିଁ ପ୍ରକୃତରେ ପରିବର୍ତ୍ତନ ହୁଏ । ହୃଦୟର ପରବିର୍ତ୍ତନ, ଜୀବନରେ ପରିବର୍ତ୍ତନ ପରେ ମନୁଷ୍ୟର ସ୍ଥିତିର ପରିବର୍ତ୍ତନ ଆସେ । ତା'ପୂର୍ବରୁ ନୁହେଁ । ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ନ ହେବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ତାହାଙ୍କ ରାଜ୍ୟର ସଭ୍ୟ, କିମ୍ବା ପରିତ୍ରାଣପ୍ରାପ୍ତ ଖ୍ରୀଷ୍ଟିୟାନ ହେବା ନିମନ୍ତେ ଯୋଗ୍ୟ ହୋଇପାରେ ନାହିଁ । ବାପ୍ତିସ୍ମ ଦ୍ୱାରା ମନୁଷ୍ୟର ପାପ ଧୌତ ହୁଏ ଓ ପ୍ରଭୁ ତାହାଙ୍କୁ ଆପଣା ମଣ୍ଡଳୀରେ ଯୋଗ କରନ୍ତି । (ପ୍ରେରିତ ୨:୨୭) । ଯେହେତୁ ପ୍ରଭୁ କହନ୍ତି, ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ

୧୬:୧୬)

ପରବିର୍ତ୍ତନର ପ୍ରକ୍ରିୟାରେ ବିଶ୍ୱାସ ଓ ମନ ପରିବର୍ତ୍ତନ ପରେ ଆଉ ଏକ କ୍ରିୟା ବିଷୟରେ ଆମ୍ଭେମାନେ ବାକ୍ୟରେ ପଢ଼ିଥାଉଁ । ସେମାନଙ୍କ ସହିତ ପ୍ରଭୁଙ୍କ ହସ୍ତ ଥିଲା ପୁଣି ଅନେକ ଅନେକ ଲୋକ ବିଶ୍ୱାସ କରି ପ୍ରଭୁଙ୍କ ପ୍ରତି ଫେରିଲେ । ''ଯେପରି ଆପଣମାନଙ୍କର ପାପମୋଚନ ହୋଇପାରେ ଏଥି ନିମନ୍ତେ ମନ ପରିବର୍ତ୍ତନ କରି ଫେରି ଆସନ୍ତୁ....'' । ଏହି ପଦଗୁଡ଼ିକରେ ଉଲ୍ଲେଖିତ ''ଫେରିବା''ର ଅର୍ଥ ବାପ୍ତିଜିତ ହେବା ।

ବିଶ୍ୱାସ ଦ୍ୱାରା ମନୁଷ୍ୟ ପାପର ପ୍ରତିଫଳ ଜାଣିପାରେ, ମନ ପରିବର୍ତ୍ତନ ଦ୍ୱାରା ହୃଦୟ ପରିବର୍ତ୍ତିତ ହୁଏ ଏବଂ ବାପ୍ତିସ୍ମ ଦ୍ୱାରା ପାପମୋଚନ ହୁଏ । କୃତ ପାପକର୍ମ ପ୍ରତି ଘୃଣାଭାବ ପ୍ରକଟ କରିବା ମାନେ ମନୁଷ୍ୟର ପାପକ୍ଷମା ହୁଏ ନାହିଁ । ଉଦାହରଣ ସ୍ୱରୂପ, ଜଣେ ଚୋର ଆପଣା କର୍ମ ଯୋଗୁଁ ଅନୁତାପ କରିବା ମାତ୍ରେ ତାହାର ପାପ, ଧାର୍ମିକତାରେ ପରିବର୍ତ୍ତନ ହୁଏ ନାହିଁ । କିନ୍ତୁ ତାକୁ ଆପଣା କର୍ମର ପ୍ରତିଫଳ ଭୋଗ କରିବାକୁ ପଡ଼ିବ । ବିଶ୍ୱାସ ଦ୍ୱାରା ମନୁଷ୍ୟର ହୃଦୟ ପରିବର୍ତ୍ତିତ ହୋଇ ପାପର ଅଭିଳାଷ ତ୍ୟାଗ କରେ । ମନ ପରିବର୍ତ୍ତନ ଦ୍ୱାରା ମନୁଷ୍ୟ ହୃଦୟ, ଜୀବନର ସ୍ଥିତିରେ ପରିବର୍ତ୍ତନ ଆସେ ଏବଂ ବାପ୍ତିସ୍ମ ଦ୍ୱାରା ସେ ଆପଣା ପାପରୁ ମୁକ୍ତ ହୋଇ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୁଏ । ଏହା ମନୁଷ୍ୟର ପରିତ୍ରାଣ ନିମନ୍ତେ ପରମେଶ୍ୱରଙ୍କ ଯୋଜନା । ଏହିସବୁ ପାହାଚ ଚଢ଼ିବା ପରେ ମନୁଷ୍ୟ ବାକ୍ୟାନୁଯାୟୀ ପାପରୁ ଧୌତ ହୋଇ ପରିବର୍ତ୍ତିତ ହୋଇଥାଏ ।

ସୁସମାଚାରରେ ବିଶ୍ୱାସ କରିବା ଲୋକେ ପାପରୁ ଅଭିଳାଷରୁ ଓ ପାପକୃତ କର୍ମରୁ ଆପଣାକୁ ପୃଥକ ରଖନ୍ତି । ପ୍ରଭୁଙ୍କ ଦୃଷ୍ଟିରେ ତାହାର ଜୀବନ ସନ୍ତୋଷଜନକ ନାହିଁ ବୋଲି ଗ୍ରହଣ କରି, ଆପଣା ମାର୍ଗ ସୁଧାରନ୍ତି । ଆପଣା ବିଶ୍ୱାସ ସ୍ୱୀକାର କରି ବାପ୍ତିଜିତ ହୋଇ ଗତ ପାପରୁ ଧୌତ ହୁଏ । ବିଶ୍ୱାସ ଦ୍ୱାରା ପାପର ଅଭିଳାଷରୁ, ମନ ପରିବର୍ତ୍ତନ ଦ୍ୱାରା ପାପମୟ କର୍ମରୁ ଏବଂ ବାପ୍ତିସ୍ମ ଦ୍ୱାରା ପାପର ପ୍ରତିଫଳରୁ ପାପୀ ମନୁଷ୍ୟ ମୁକ୍ତ ହୁଏ ।

## (୫) ନୂତନ ନିୟମରେ ପରିବର୍ତ୍ତନର ଘଟଣାବଳୀ :

"ପ୍ରେରିତମାନଙ୍କ କାର୍ଯ୍ୟାବଳୀ" ନୂତନ ନିୟମର ଏକମାତ୍ର ପୁସ୍ତକ ଯେଉଁଥିରେ ଆମ୍ଭେମାନେ ପରିବର୍ତ୍ତନର ସମସ୍ତ ଘଟଣାବଳୀ ପଢ଼ିପାରୁ । ପ୍ରଥମ ଶତାବ୍ଦୀର ଲୋକେ କିପରି ପ୍ରେରିତମାନଙ୍କ ଶିକ୍ଷାରେ ପରିବର୍ତ୍ତିତ ହୋଇ ଖ୍ରୀଷ୍ଟିୟାନ ହୋଇଥିଲେ ଏହି ପୁସ୍ତକର ଅନେକ ଘଟଣାବଳୀ ଦ୍ୱାରା ଜ୍ଞାତ ହେଉ । ପରିତ୍ରାଣ ପାଇବାକୁ ଇଚ୍ଛୁକ ପ୍ରତ୍ୟେକ ବ୍ୟକ୍ତି ଏହି ପୁସ୍ତକରେ ଲିଖି ଆଦି ଖ୍ରୀଷ୍ଟିୟାନମାନଙ୍କ ଉଦାହରଣ ଅନୁସରଣ କରିବା ଆବଶ୍ୟକ । କାରଣ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ଶିକ୍ଷା ଦ୍ୱାରା ପରିବର୍ତ୍ତିତ ହୋଇଥିଲେ । ସେମାନେ ହିଁ ଆମର ଆଦର୍ଶ ।

❋❋❋

## ଯିହୂଦୀମାନଙ୍କର ଯେଉଁ ରାଜା ଜନ୍ମଗ୍ରହଣ କରିଅଛନ୍ତି ସେ କେଉଁଠାରେ ?

**( Where is He that is born king of Jews ?)**

ପ୍ରେରିତ ମାଥିଉ ଏହି ସୁସମାଚାର ଯିହୂଦା ଜାତି ନିମନ୍ତେ ଲେଖିଥିଲେ । ପୁରାତନ ନିୟମରେ ଉଲ୍ଲେଖିତ ମଶୀହ ନାଜରିତୀୟ ଯୀଶୁ ଅଟନ୍ତି ବୋଲି ପ୍ରମାଣିତ କରିବା ନିମନ୍ତେ ସେ ଏହି ସୁସମାଚାର ଲେଖିଥିଲେ ।

ଏହି ସୁସମାଚାରର ଲେଖକ ଦ୍ୱିତୀୟ ଅଧ୍ୟାୟ ୧-୧୨ ପଦରେ ୫ଟି ଭବିଷ୍ୟବାଣୀ ବିଷୟରେ ଉଲ୍ଲେଖିତ କରନ୍ତି ।

୧) ଯିହୂଦାର ରାଜା ଯୀଶୁଖ୍ରୀଷ୍ଟ ହିଁ ସମସ୍ତ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

୨) ଯୀଶୁଖ୍ରୀଷ୍ଟ କେବଳ ଯିହୂଦୀମାନଙ୍କ ରାଜା ନୁହନ୍ତି କିନ୍ତୁ ସମଗ୍ରଜଗତର ରାଜା ଅଟନ୍ତି ।

୩) ଯିହୂଦୀ ଓ ବିଜାତୀୟ ପ୍ରତ୍ୟେକ ପୂର୍ବଦେଶୀୟ ଜ୍ଞାନୀମାନଙ୍କ ସଦୃଶ୍ୟ ଜ୍ଞାନ ଅନ୍ୱେଷଣ କରୁ ।

୪)	ଯେଉଁମାନେ ତାହାଙ୍କ ଉପାସନା କରି ନ ଥିଲେ, ଉଦ୍‌ବିଗ୍ନ ହୋଇଥିଲେ (ହେରୋଦ ଓ ଯିରୁଶାଲମବାସୀମାନେ) ।

୫)	ଯୀଶୁଖ୍ରୀଷ୍ଟଙ୍କୁ ଉପାସନା କରିବାରେ, ତାହାଙ୍କ ରାଜତ୍ୱର ସ୍ୱୀକାର କରିବାରେ ମନୁଷ୍ୟର ମଙ୍ଗଳ ବୋଲି ମାଥିଉ ଆପଣା ଲେଖନ ଦ୍ୱାରା ଜଣାଇଅଛନ୍ତି ।

୧)	ଯିଶାଇୟ ୬:୯: ''କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱଭାର ଥୁଆଯିବ; ପୁଣି ତାହାଙ୍କ ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ ।''

୨)	ଦାନିୟେଲ ୭:୧୩,୧୪ : ''ମୁଁ ରାତ୍ରୀକାଳର ଦର୍ଶନରେ ଦେଖିଲି, ଆଉ ଦେଖ, ମନୁଷ୍ୟପୁତ୍ର ନ୍ୟାୟ ଏକ ପୁରୁଷ ଆକାଶର ମେଘରେ ଆସିଲେ, ଓ ସେ ଅନେକ କାଳର ସେହି ବୃଦ୍ଧଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ, ସେମାନେ ତାହାଙ୍କ ଛାମୁକୁ ତାହାଙ୍କୁ ଆଣିଲେ । ପୁଣି, ସମୁଦାୟ ଗୋଷ୍ଠୀ, ଦେଶବାସୀ ଓ ଭାଷାବାଦୀମାନେ ଯେପରି ତାହାଙ୍କର ସେବା କରିବେ, ଏଥିପାଇଁ ତାହାଙ୍କୁ କର୍ତ୍ତୃତ୍ୱ, ମହିମା ରାଜ୍ୟ ଦତ୍ତ ହେଲା, ତାହାଙ୍କର କର୍ତ୍ତୃତ୍ୱ ଅନନ୍ତକାଳୀନ କର୍ତ୍ତୃତ୍ୱ, ତାହା ଲୁପ୍ତ ହେବ ନାହିଁ ଓ ତାହାଙ୍କ ରାଜ୍ୟ ଅବିନାଶ୍ୟ ।''

**ସେ ଏକ ଭିନ୍ନ ପ୍ରକାର ରାଜା :**

୧)	ଲୂକ ୨:୬-୭ : ''ସେମାନେ ସେହି ସ୍ଥାନରେ ଥିବା ସମୟରେ ତାଙ୍କର ପ୍ରସବକାଳ ଉପସ୍ଥିତ ହେଲା । ପୁଣି ସେ ଆପଣା ପ୍ରଥମ ପୁତ୍ର ପ୍ରସବ କଲେ । କାରଣ ବସାଘରେ ସେମାନଙ୍କ ପାଇଁ ସ୍ଥାନ ନଥିଲା ।'' ରାଜାମନେ ରାଜପ୍ରାସାଦରେ ଜନ୍ମଗ୍ରହଣ କରନ୍ତି, କିନ୍ତୁ ଆମ୍ଭମାନଙ୍କ ରାଜା ଗୁହାଳକୁଣ୍ଡରେ ଶୁଆଇଥିଲେ ।

୨)	ଲୂକ ୧୯:୩୫-୩୮ : ''ପୁଣି, ସେମାନେ ତାହାଙ୍କୁ ଯୀଶୁଙ୍କ ନିକଟକୁ ଆଣି, ତାହା ଉପରେ ଆପଣା ଆପଣା ଲୁଗା ପକାଇ ଯୀଶୁଙ୍କୁ ବସାଇଲେ, ଆଉ, ସେ ଯାତ୍ରା କରୁଥିବା ସମୟରେ ଲୋକେ ପଥରେ ଆପଣା ଆପଣା ଲୁଗା ବିଛାଇବାକୁ ଲାଗିଲେ । ପୁଣି, ସେ ଯେତେବେଳେ ଜୀତ ପର୍ବତର ଗଡ଼ାଣି ସ୍ଥାନରେ ନିକଟବର୍ତ୍ତୀ ହେଲେ, ସେତେବେଳେ ସମୁଦାୟ ଶିଷ୍ୟଦଳ ଦେଖିଥିବ । ସମସ୍ତ ଶକ୍ତିର କାର୍ଯ୍ୟ ନିମନ୍ତେ

ଆନନ୍ଦରେ ଉଚ୍ଚସ୍ୱର କରି ଈଶ୍ୱରଙ୍କ ପ୍ରଶଂସା କରୁ କରୁ କହିଲେ, ପ୍ରଭୁଙ୍କ ନାମରେ ଯେଉଁ ରାଜା ଆସୁଅଛନ୍ତି, ସେ ଧନ୍ୟ । ସ୍ୱର୍ଗରେ ଶାନ୍ତି ଓ ଉର୍ଦ୍ଧ୍ୱଲୋକରେ ମହମା ଏହି ଘଟଣା ଭାବବାଦୀ ଯିଖରିୟଙ୍କ ଦ୍ୱାରା ପ୍ରକଟିତ ଭାବବାଣୀର ସଫଳତା । ''ଗୋ ସିୟୋନ କନ୍ୟା, ଅତିଶୟ ଉଲ୍ଲାସ କର, ଗୋ ଯିରୁଶାଲମ କନ୍ୟା, ଜୟଧ୍ୱନୀ କର; ଦେଖ, ତୁମ୍ଭର ରାଜା ତୁମ୍ଭ ନିକଟକୁ ଆସୁଅଛନ୍ତି; ସେ ଧର୍ମମୟ ଓ ପରିତ୍ରାଣ ବିଶିଷ୍ଟ; ସେ ନମ୍ରଶୀଳ ଓ ଗର୍ଦ୍ଦଭ ଉପରେ ଅର୍ଥାତ୍, ଗର୍ଦ୍ଦଭୀର ଶାବକ ଉପରେ ଆରୋହଣ କରି ଆସୁଅଛନ୍ତି । ରାଜାମାନେ ଅଶ୍ୱ, ରଥ ପ୍ରଭୃତିରେ ଯାତ୍ରା କରନ୍ତି । ଅଶ୍ୱ ଯୁଦ୍ଧ ଓ ଗର୍ଦ୍ଦଭ ଶାନ୍ତିର ସୂଚକ । ଯୀଶୁଖ୍ରୀଷ୍ଟ ଶାନ୍ତି ଓ ସମାଧାନର ରାଜା ଅଟନ୍ତି ।

୩) **ମାଥିଉ ୨୭:୨୯ :** ''ଆଉ କଣ୍ଟାର ମୁକୁଟ ବନାଇ ତାହାଙ୍କ ମସ୍ତକରେ ନେଲେ ଓ ତାହାଙ୍କର ଦକ୍ଷିଣ ହସ୍ତରେ ଖଣ୍ଡିଏ ନଳ ନେଲେ, ପୁଣି ତାହାଙ୍କ ସମ୍ମୁଖରେ ଜାନୁପାତି, ହେ ଯିହୂଦୀମାନଙ୍କ ରାଜା, ନମସ୍କାର, ଏହା କହି ତାହାଙ୍କୁ ପରିହାସ କଲେ । ରାଜାମାନେ ବହୁମୂଲ୍ୟ ମୁକ୍ତା, ମାଣିକରେ ଖଚିତ ସୁନାର ମୁକୁଟ ଧାରଣ କରନ୍ତି । କିନ୍ତୁ କିନ୍ତୁ ଆମ୍ଭମାନଙ୍କ ରାଜା କଣ୍ଟାର ମୁକୁଟ ଧାରଣ କରି ଯାଇଥିଲେ ।

୪) **ଯୋହନ ୧୯:୧୫-୧୬ :** ''ସେଥିରେ ସେମାନେ ଚିତ୍କାର କରି ତାହାଙ୍କୁ ବଧ କର, ବଧ କର, କ୍ରୁଶରେ ଚଢ଼ାଅ । ପୀଲାତ ସେମାନଙ୍କୁ କହିଲେ, ଆମ୍ଭେ କଅଣ ତୁମ୍ଭମାନଙ୍କ ରାଜାଙ୍କୁ କ୍ରୁଶରେ ଚଢ଼ାଇବା ? ପ୍ରଧାନ ଯାଜକମାନେ ଉତ୍ତର ଦେଲେ, କାଇସରଙ୍କ ବିନା ଆମ୍ଭମାନଙ୍କ ଆଉ ରାଜା ନାହିଁ । ସେଥିରେ ସେ ଯେପରି କ୍ରୁଶରେ ଚଢ଼ାଯାଆନ୍ତି, ଏଥି ନିମନ୍ତେ ସେ ତାହାଙ୍କୁ ସେମାନଙ୍କ ଇଚ୍ଛାନୁସାରେ ସମର୍ପଣ କଲେ ।''

ହେରୋଦ ରାଜା, ଯୀଶୁଙ୍କ ଜନ୍ମ ସମୟରେ ଦୁଇ ବର୍ଷର କମ୍ ବୟସର ବାଳକମାନଙ୍କୁ ହତ୍ୟା କରିବା ନିମନ୍ତେ ଆଦେଶ ଦେଇଥିଲେ । ସେ ବାପ୍ତିଜକ ଯୋହନଙ୍କ ମଧ ମସ୍ତକ ଛେଦନ କରିଥିଲେ । କିନ୍ତୁ ଜଗତର ସମସ୍ତ ମାନବଜାତିର ପରିତ୍ରାଣ ନିମନ୍ତେ କେବଳ ଯୀଶୁଖ୍ରୀଷ୍ଟ ମୃତ୍ୟୁ ଭୋଗିଥିଲେ, ସେ ମହାରାଜା କିନ୍ତୁ ଜାଗତିକ ରାଜାମାନଙ୍କ ସଦୃଶ୍ୟ ନୁହେଁ ।

## ତାହାଙ୍କ ରାଜ୍ୟ ଭିନ୍ନ ପ୍ରକାର :

ଯୀଶୁଙ୍କ ବିଶ୍ୱାସୀ ଯିହୂଦୀ ଓ ପ୍ରେରିତ ଯୀଶୁଖ୍ରୀଷ୍ଟଙ୍କୁ ଏକ ଜାଗତିକ ରାଜା ରୂପେ ମନେ କରୁଥିଲେ । ମହାରାଜା ଦାଉଦ ଓ ଶଲୋମନଙ୍କ ଠାରୁ ଶ୍ରେଷ୍ଠତର ରାଜା ଯୀଶୁଖ୍ରୀଷ୍ଟ ଅଟନ୍ତି । ଦାଉଦ ଓ ଶଲୋମନଙ୍କ ସଦୃଶ୍ୟ ଯୀଶୁଖ୍ରୀଷ୍ଟଙ୍କ ରାଜତ୍ୱ, ସୁବର୍ଣ୍ଣ ରାଜତ୍ୱ ରହିବ ବୋଲି ସେମାନେ ଆଶା କରୁଥିଲେ । ରୋମୀୟ ଓ ଅନ୍ୟାନ୍ୟ ସାମ୍ରାଜ୍ୟଗୁଡ଼ିକ ସେ ପରାସ୍ତ କରି, ଯିରୁଶାଲମରେ ଦାଉଦଙ୍କ ସିଂହାସନରେ ବସି ସୁବର୍ଣ୍ଣ ରାଜତ୍ୱ ଆରମ୍ଭ କରିବେ ବୋଲି ସେମାନେ ଅପେକ୍ଷାରେ ଥିଲେ । କିନ୍ତୁ ଯୀଶୁ କହିଲେ, ''ମୋହର ରାଜ୍ୟ ଏହି ଜଗତ ସମ୍ବନ୍ଧୀୟ ନୁହେଁ, ଯଦି ମୋହର ରାଜ୍ୟ ଏହି ଜଗତ୍ ସମ୍ବନ୍ଧୀୟ ନୁହେଁ ।'' (ଯୋହନ ୧୯:୩୬)

**ପ୍ରେରିତ ୧:୬ :** ''ଅତଏବ, ସେମାନେ ଏକତ୍ର ହୋଇ ତାହାଙ୍କୁ ପଚାରିବାକୁ ଲାଗିଲେ. ହେ ପ୍ରଭୁ. ଆପଣ କଅଣ ଏହି ସମୟରେ ଇସ୍ରାଏଲ ବଂଶକୁ ପୁନର୍ବାର ରାଜ୍ୟଭାର ସମର୍ପଣ କରୁଅଛନ୍ତି ? ''ସ୍ୱର୍ଗରାଜ୍ୟ ସନ୍ନିକଟ'' ବୋଲି ବାପ୍ତିଜକ ଯୋହନ ନିଜେ ଯୀଶୁଖ୍ରୀଷ୍ଟ ଓ ପ୍ରେରିତମାନେ ପ୍ରଚାର କରିଥିଲେ । (ମାଥିଉ ୩:୧-୨, ୪:୧୭, ୧୦:୫-୭) ଯୀଶୁଖ୍ରୀଷ୍ଟ ଏହି ଧାରାରେ ଜୀବନଯାପନ କରିବା ସମୟରେ ଯୀଶୁଖ୍ରୀଷ୍ଟ ରାଜ୍ୟ ସ୍ଥାପନ କରିଥିଲେ । (ମାଥିଉ ୩:୧-୨, ୪:୧୭, ୧୦:୫-୭) । କିନ୍ତୁ ସେମାନେ ଯୀଶୁଖ୍ରୀଷ୍ଟ ଜାଗତିକ ରାଜାମାନଙ୍କ ସଦୃଶ୍ୟ ସିଂହାସନରେ ବସି ରାଜତ୍ୱ କରିବେ ବୋଲି ମନେ କରୁଥିଲେ । କିନ୍ତୁ ଯୀଶୁଖ୍ରୀଷ୍ଟ ସେମାନଙ୍କ ଆଶାନୁଯାୟୀ ଜାଗତିକ ରାଜ୍ୟ ସ୍ଥାପନ କରି ନ ଥିଲେ । ତେଣୁକରି ଏଠାରେ ସେମାନେ ଏହି ପ୍ରଶ୍ନ ତାହାଙ୍କୁ ପଚାରିଥିଲେ ।

**ମାଥିଉ ୧୬:୧୮,୧୯ :** ''ଆଉ, ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାକ୍ରମ କରିବ ନାହିଁ । ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟ ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ ।''

ମଣ୍ଡଳୀ ଯେ ତାହାଙ୍କ ରାଜ୍ୟ ଅଟେ, ଯୀଶୁପ୍ରଭୁ ଏହିବାକ୍ୟରେ ସ୍ପଷ୍ଟ କରନ୍ତି ।

ପ୍ରେରିତ ୨:୪୧ : ''ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ

ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସମହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।'' ଯୀଶୁଖ୍ରୀଷ୍ଟଙ୍କ ରାଜ୍ୟ ବା ତାହାଙ୍କ ମଣ୍ଡଳୀ ଖ୍ରୀ:ଜ ୩୩ ମସିହା ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ସ୍ଥାପିତ ହୋଇଥିଲା । କଲସୀ ୧:୧୩ରେ ଲେଖାଯାଏ, ''ସେ (ପିତା ପରମେଶ୍ୱର) ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି ।'' ତାହାଙ୍କ ରାଜ୍ୟବାସୀମାନେ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ପରିଚିତ । (ରୋମୀୟ ୧୬:୧୬) ମଣ୍ଡଳୀ ହିଁ ରାଜ୍ୟ ଓ ରାଜ୍ୟ ହିଁ ମଣ୍ଡଳୀ । ପୂର୍ବଦେଶୀୟ ପଣ୍ଡିତମାନଙ୍କ ସଦୃଶ୍ୟ ରାଜା ଯୀଶୁଖ୍ରୀଷ୍ଟଙ୍କ ଅନ୍ୱେଷଣ କରୁ । ସୁସମାଚାର ଆଜ୍ଞାବହହୋଇ ବାପ୍ତିଜିତ ହେଲେ, ତାହାଙ୍କ ରାଜ୍ୟରେ ସଂଯୁକ୍ତ ହୁଅନ୍ତୁ ।

**- K. Elisha**

## ସେ କଢ଼ାଇ ନେବା ବାଟରେ ମୁଁ ଅନୁସରଣ କରିବି
## (Where He leads I will follow)

ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କ ଏହା ହିଁ ଲକ୍ଷ୍ୟ । ବାଇବଲ ମଧ୍ୟ ଆମ୍ଭମାନଙ୍କୁ ଏହା ଶିକ୍ଷା ଦିଏ । ''ଏଥି ନିମନ୍ତେ ହିଁ ତୁମ୍ଭେମାନେ ଆହୂତ ହୋଇଅଛ, କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ଏଥିପାଇଁ ସେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇ ଦେଇ ଯାଇଅଛନ୍ତି'' (୧ମ ପିତର ୨:୨୧) ଏହି ବାକ୍ୟାଂଶରୁ ଦୁଇଟି ବିଷୟ ସୁସ୍ପଷ୍ଟ ହୁଏ । (୧) ଖ୍ରୀଷ୍ଟ ଆମ୍ଭମାନଙ୍କର ଆଦର୍ଶ, ଏକ ପ୍ରାସାଦର ନକ୍‌ସା ସଦୃଶ୍ୟ ଆମ୍ଭେମାନେ ତାହାଙ୍କୁ ଅନୁସରଣ କରୁ । (୨) ଆମ୍ଭେମାନେ ଅନୁସରଣକାରୀ । ଛୋଟ ପିଲାଟି ଯେପରି ପିତାଙ୍କ ପାଦୁକା ପିନ୍ଧିବା ସଦୃଶ୍ୟ, ଆମ୍ଭେମାନେ ଆମ୍ଭମାନଙ୍କ ନେତା ଯୀଶୁଖ୍ରୀଷ୍ଟଙ୍କ ଅନୁସରଣ କରୁ ।

ଯୀଶୁଙ୍କ ଅନୁସରଣ କରିବା ଆନନ୍ଦମୟ ଓ ଉତ୍ସାହଜନକ ବିଷୟ ଅଟେ । ଯୀଶୁଖ୍ରୀଷ୍ଟ ଏହି ଜଗତରେ ଏକ ସାଧାରଣ ମନୁଷ୍ୟରୂପେ ଜୀବନ ଯାପନ କରିଥିଲେ । ଆମ୍ଭମାନଙ୍କ ସଦୃଶ୍ୟ ସେ ଭାବପ୍ରବଣ ଥିଲେ । ଆମ୍ଭମାନଙ୍କ ସଦୃଶ୍ୟ ସେ [illegible]

ଦୁଃଖକଷ୍ଟ ସହ୍ୟ କରିଥିଲେ । ଖ୍ରୀଷ୍ଟଙ୍କ ଅନୁସରଣ କରିବା କେବଳ ଉତ୍ସାହଜନକ ନୁହେଁ, କିନ୍ତୁ କଠିନ ମଧ୍ୟ । ବାକ୍ୟ କହେ, ''ସେ ନିନ୍ଦା ପାଇବା ସମୟରେ ପ୍ରତିହିଂସା କରିବାକୁ ଭୟ ଦେଖାଇଲେ ନାହିଁ, କିନ୍ତୁ ନ୍ୟାୟ ବିଚାରକର୍ତ୍ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କଲେ ।'' (୧ମ ପିତର ୨:୨୧) ଆମ୍ଭମାନଙ୍କୁ ଏକ ଖ୍ରୀଷ୍ଟିୟାନ ଭାବେ ଦୁଃଖଭୋଗ କରିବାକୁ ପଡ଼ିବ ।

''ସେ କଢ଼ାଇ ନେବା ବାଟରେ ମୁଁ ଅନୁସରଣ କରିବି ବୋଲି କଥାରେ କହିବା ସହଜ । କିନ୍ତୁ ସବୁବେଳେ ସବୁ ଅବସ୍ଥାରେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କୁ ସମ୍ପୂର୍ଣ୍ଣ ଭାବେ ଅନୁସରଣ କରନ୍ତି ନାହିଁ । ଇସ୍ରାଏଲ - ସନ୍ତାନମାନେ ମିସର ଦେଶରୁ ବାହାରି ଆସିବା ପରେ ଏକ ଦୃଢ଼ ନିଷ୍ପତ୍ତି ନିର୍ଣ୍ଣ କରିଥିଲେ । ''ତହିଁରେ ସମସ୍ତ ଲୋକ ଏକ ସଙ୍ଗରେ ଅଙ୍ଗୀକାର କରି କହିଲେ, ସଦାପ୍ରଭୁ ଯେଉଁ କଥା କହିଅଛନ୍ତି, ତାହା ସବୁ ଆମ୍ଭେମାନେ କରିବା...'' (ଯାତ୍ରା ୧୯:୮) । କିନ୍ତୁ କିଛି ଦିନ ପରେ ସେମାନେ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରିଥିଲେ, ହେ ଗୁରୁ, ଆପଣ ଯେକୌଣସି ସ୍ଥାନକୁ ଯିବେ, ମୁଁ ଆପଣଙ୍କ ଅନୁଗମନ କରିବି ।'' (ମାଥିଉ ୮:୧୯) । ସେ ଏହି କଥା କହିବା ସମୟରେ ବହୁ ଜନସମୂହ ତାହାଙ୍କ ଅନୁଗମନ କରୁଥିଲେ । ଯୀଶୁ ଅନେକଙ୍କୁ ସୁସ୍ଥ କରୁଥିଲେ, ଅନେକ ଅଦ୍ଭୁତକର୍ମ କରୁଥିଲେ । ତାହାଙ୍କୁ ଅନୁଗମନ କରିବାର ଅର୍ଥ ପ୍ରମୋଦପୂର୍ଣ୍ଣ ବୋଲି ତାହାଙ୍କ ମନୋଭାବ ଥିଲା । କିନ୍ତୁ ଯୀଶୁ ତାହାଙ୍କୁ କହିଲେ, ''....କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି ମାତ୍ର ମନୁଷ୍ୟ ପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ ।'' (୨୦ତମ ପଦ) । ଯୀଶୁଙ୍କ ପଥ ଦୁଃଖ, କଷ୍ଟ, ଲଜ୍ଜା, ବେଳେ ବେଳେ ମରଣ, ଯେଉଁସବୁ ନିମନ୍ତେ ସେ ପ୍ରସ୍ତୁତ ନଥିଲେ । ଯୋହନ ୧୧:୧୬ ଓ ୧୩:୩୭ ପଦରେ ଓଥୋମା ଯାହାଙ୍କୁ ବିଦୁମ ବୋଲି କହନ୍ତି ଓ ପ୍ରେରିତ ପିତର ତାହାଙ୍କୁ ଅନୁସରଣ କରିବେ ବୋଲି କହିଥିଲେ । କିନ୍ତୁ କ୍ରୁଶୀୟ ଯାତନା ସମୟରେ, ସେ ନୁହେଁ ଓ ଅନ୍ୟ ଶିଷ୍ୟମାନେ ମଧ୍ୟ ତାହାଙ୍କୁ ପରିତ୍ୟାଗ କରି ଚାଲି ଯାଇଥିଲେ । ସେମାନେ ଶୁଦ୍ଧ ହୃଦୟରେ ପ୍ରତିଜ୍ଞା କରିଥିଲେ କିନ୍ତୁ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ନଥିଲେ ।

ଯୀଶୁଖ୍ରୀଷ୍ଟଙ୍କୁ ଅନୁସରଣ କରିବାରେ ଅନେକ ସୁଖ ଓ ଆନନ୍ଦ ପାଇପାରିବେ ବୋଲି ଅନେକଙ୍କ ମନୋଭାବ । କିନ୍ତୁ ଏହିପ ଦମାନଙ୍କରେ ତାହାଙ୍କ

ଅନୁସରଣକାରୀମାନେ ଶ୍ରମ ଓ ଯାତନାର ସମ୍ମୁଖୀନ ହେବେ ବୋଲି ସୁସ୍ପଷ୍ଟ କରନ୍ତି । ଆଜିର ସମାଜର ଲୋକେ ମଧ୍ୟ ସାହସ ଓ ଦୃଢ଼ ନିଶ୍ଚିତତା ସହି ଯୀଶୁଙ୍କୁ ଅନୁସରଣ କରିବାକୁ ପ୍ରତିଜ୍ଞା କରନ୍ତି, କିନ୍ତୁ ତାହାଙ୍କ ନିମନ୍ତେ କୌଣସି ବିଷୟ ପରିତ୍ୟାଗ ନ କରିବାକୁ ପ୍ରସ୍ତୁତ ନୁହନ୍ତି ।

ଯୀଶୁଙ୍କୁ ଅନୁସରଣ କରିବାରେ ପ୍ରକୃତ ଅର୍ଥ କଅଣ ? ଯୀଶୁ କହିଲେ, ''କେହି ମୋହର ସେବକ, ସେବେ ସେ ମୋହର ଅନୁଗମନ କରୁ; ଆଉ ମୁଁ ଯେଉଁଠାରେ ଥାଏ, ମୋହର ସେବା କରେ, ତେବେ ପିତା ତାହାଙ୍କୁ ସମ୍ମାନ ଦେବେ।'' (ଯୋହନ ୧୨:୨୬) । 'ସେବକ'ର ଅର୍ଥ ଦାସ । ଅଧିକାଂଶ ଲୋକେ ଦାସତ୍ୱ କରିବା ନିମନ୍ତେ ଇଚ୍ଛୁକ ନୁହନ୍ତି । ଯୀଶୁଙ୍କ ଅନୁସରଣ କରିବା ଅର୍ଥ ତାହାଙ୍କ ସେବା କରିବା, ତାହାଙ୍କ ଅନୁକରଣ କରିବା । ଖ୍ରୀଷ୍ଟଙ୍କ ଶିଷ୍ୟ ହେବାର ଅର୍ଥ ସମ୍ପୂର୍ଣ୍ଣ ଭାବେ ତାହାଙ୍କର ଓ ତାହାଙ୍କର ଉଦ୍ଦେଶ୍ୟର ସହଭାଗୀ ହେବା ।

ଏହା କଠିନ କାର୍ଯ୍ୟ । ଅନେକେ ସମ୍ପୂର୍ଣ୍ଣ ଭାବେ ତାହାଙ୍କ ଅନୁଗତ ନୁହନ୍ତି । ଅନେକେ ବଚସାକୁ ଭୟ କରନ୍ତି । ଯୀଶୁଙ୍କୁ କି ଲୋକେ ବଚସା କରୁ ନଥିଲେ ? ଅନ୍ୟ ବର୍ଗର ଲୋକେ ଖ୍ରୀଷ୍ଟଙ୍କ ଅନୁଚର ହେବା ଦ୍ୱାରା ଆପଣା ବନ୍ଧୁମିତ୍ରଙ୍କୁ ପରିତ୍ୟାଗ କରିବାରେ ଅନିଚ୍ଛୁକ ଅଟନ୍ତି । ଅନ୍ୟ ବର୍ଗର ଲୋକେ ଗୌରବ ଓ ସମ୍ମାନ ପାଇବା ବିଷୟରେ କେବଳ ଯୀଶୁଙ୍କୁ ଅନୁସରଣ କରିବାରେ ଇଚ୍ଛା କରନ୍ତି । ଯୀଶୁ ଅନୁସରଣ କରିବା ଅର୍ଥ ଆବଶ୍ୟକୀୟ କାର୍ଯ୍ୟସବୁ ସମ୍ପନ୍ନ କରିବା, ଅନ୍ୟମାନଙ୍କୁ ସାହାଯ୍ୟ କରିବା । ତାହାଙ୍କର ଅନୁସରଣ କରିବାର ଅର୍ଥ, ଆମ୍ଭମାନଙ୍କ ଆପଣା କାର୍ଯ୍ୟରେ ବ୍ୟସ୍ତ ନ ରହି, ତାହାଙ୍କ ରାଜ୍ୟର ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରିବା ।

''ସେ କଢ଼ାଇ ନେବା ବାଟରେ ମୁଁ ଅନୁସରଣ କରିବି'' ଏହା ଏକ ଉତ୍ତମ ନିଷ୍ପତ୍ତି । ଏହି ବାଟରେ ସମୟେ ସମୟେ ଯାତନାର ସମ୍ମୁଖୀନ ହେଲେ ତାହାଙ୍କୁ ପରିତ୍ୟାଗ ନ କରି ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହୁ । ''କେହି ଯେବେ ମୋହର ସେବା କରେ, ତେବେ ପିତା ତାହାକୁ ସମ୍ମାନ ଦେବେ ।'' (ଯୋହନ ୧୨:୨୬) ବୋଲି ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରତିଜ୍ଞା କରିଅଛନ୍ତି ।

**- Jerry Bates**

❋❋❋

**Edited & Published by : Kabita & Joshua Gootam**

# The NATURE of a Child

1.Sinless : - One should clean himself of all sins by the blood of Jesus

2.Harmless(Simple) : - "... be ye therefore wise as serpents and harmless as dove." (Math 10:16)

3.They believe what is said to them (John 14:1)

4.They trust their parents.
Eph 1:13 : - "In whom also trusted , after that ye heard the word of truth ..."

5.They depend upon the parents : -
(i) "For in Him we live , and move , and have our being ..." (Acts 17:28)
(ii) "... for without me ye can do nothing (John 15:5b)

6.They are obedient
(i) "Wherefore , my beloved , as ye have always obeyed ..." (Philip 2:12a)

7.They forgive and forget : -
(i) "...forgiving one another , even as God for Christ sake hath forgiven you"(Eph 4:32b)
(Math 6:12 ; Math 18:21 ; Col 3:13)

8.Humble themselves : -
(i) "Humble yourself therefore under the mighty hand of God ...( 1 Peter 5 : 6i Math 5:1,
Luke 14:11 , James 4:6,10)

9.They can be influenced for good or bad easily.

10.They are guarded by angels : - (Math 18:10)
Righteous too are guarded by an Angel . " The angle of the LORD encampeth round about them that fear him..."
(Ps 34:7 , 2 King 6:17)

Write for free Bible Correspondence Course
In
*Telugu & Oriya to:*

**The Director**
Bible Correspondence Course
PO.Box.80,KAKINADA-533001.A.P




***Printed Book Only***

**From :**

**SATYA VANI**
**P.O. Box 80**
**Kakinada - 533001**

**To**

**(FOR PRIVATE CIRCULATION ONLY)**

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004